## ସଂକ୍ଷେପରେ

### ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**ଢେଙ୍କାନାଳ ଅଫିସ, ୨୧ୀ:** ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ନୂତନ ବର୍ଷ ପାଳନ ଅବସରରେ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ଅସହାୟ ଲୋକଙ୍କୁ ସୋମବାର କମ୍ବଳ ବଣ୍ଟନ କରାଯାଇଛି। ଶୀତରେ ଦୋକାନ ବାରଣ୍ଡା, ରାସ୍ତାକଡ଼, ଫୁଟପାଥ୍‌ରେ ଆଶ୍ରୟ ନେଇଥିବା ଗରିବ ଶ୍ରେଣୀର ବ୍ୟକ୍ତିଙ୍କୁ କମ୍ବଳ, ମଶାଧୂପ ଓ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଜାତୀୟ ଯୁବ ଦିବସ ଅବସରରେ ଗୋପବନ୍ଧୁ ଟାଉନ୍ ହଲ୍‌ଠାରେ ରକ୍ତଦାନ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଟ୍ରଷ୍ଟ ଅଧକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି। ଅମରେନ୍ଦ୍ର ଖୁଣ୍ଟିଆ, ସୁବାସ ଦାସ, ପାର୍ଥସାରଥି ମିଶ୍ର, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଅହମ୍ମଦିଆ ଯୁବ ସଙ୍ଗଠନର ସ୍ୱଚ୍ଛତା ଅଭିଯାନ

**ଢେଙ୍କାନାଳ ଅଫିସ,୨୧ୀ:** ନୂତନ ବର୍ଷ ଅବସରରେ ଢେଙ୍କାନାଳ ସଦର ଥାନା ଗୁଣ୍ଡିଚାପଡ଼ାଠାରେ ଅହମ୍ମଦିଆ ମୁସ୍‌ଲିମ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁଣ୍ଡିଚାପଡ଼ା ଶହୀଦ ସ୍ମାରକୀଠାରୁ ଗ୍ରାମ କୋଠଘର ପର୍ଯ୍ୟନ୍ତ ସାର୍ବଜନୀନ ରାସ୍ତା ସଫେଇ କରାଯାଇଥିଲା। ସଙ୍ଗଠନ ଅଧକ୍ଷ ମହମ୍ମୁଦ ଖାଁଙ୍କ ନେତୃତ୍ୱରେ ସମ୍ପ୍ରଦାୟର ବହୁ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ପରିବେଶକୁ ସଫାସୁତରା ରଖିବା ଆମ ସମସ୍ତଙ୍କ ସାମାଜିକ ଦାୟିତ୍ୱ ବୋଲି ଅଧକ୍ଷ କହିଥିଲେ।

# ସବୁଜିମା ଚିନ୍ତାରେ ଶ୍ରମଜୀବୀ


ଗୋପବନ୍ଧୁଙ୍କୁ ସମ୍ମାନିତ କରାଯାଉଛି।

### ଗଛ ମଣିଷ ଗୋପବନ୍ଧୁ

**ସାରାଦିନ ଖଟିଲେ ପେଟକୁ ଯୋଗାଡ଼ ହୁଏ ଗଣ୍ଡାଏ ଦାନା। ତଥାପି ସାମାନ୍ୟ ଫୁରସତ୍ ମିଳିଲେ କୋଡ଼ି, କୋଦାଳ ଧରି ସେ ବାହାରି ପଡ଼ନ୍ତି। ମନ୍ଦିର, ବିଦ୍ୟାଳୟ ସମେତ ଅପନ୍ତରା ଜମିରେ ଲଗାନ୍ତି ଚାରା। ପାଣି ଦିଅନ୍ତି। ଯତ୍ନ ମଧ ନିଅନ୍ତି। ଦୀର୍ଘ ୧୫ବର୍ଷ ହେଲା ସବୁଜିମା ବଳୟ ସୃଷ୍ଟି କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି ହିନ୍ଦୋଳ ବ୍ଲକ ଦୁଦୁରୁକୋଟ ପଞ୍ଚାୟତ ନନ୍ଦପୁର ଗ୍ରାମର ଗୋପବନ୍ଧୁ ବେହେରା। ଗଛ ମଣିଷ ଭାବେ ପରିଚିତ ଏହି ଶ୍ରମଜୀବୀଙ୍କ ଏଭଳି ମହତ୍ କାର୍ଯ୍ୟ ଏବେ ସାଧାରଣରେ ପାଲଟିଛି ଚର୍ଚ୍ଚାର ବିଷୟ।**

**ସାତମାଇଲ, ୨୧ୀ(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନନ୍ଦପୁର ଗ୍ରାମର ଗୋପବନ୍ଧୁ ବେହେରା। ବୟସ ମାତ୍ର ୩୮। ସ୍ତ୍ରୀ, ଦୁଇପୁଅ, ବିଧବା ମା'ଙ୍କୁ ନେଇ ତାଙ୍କ ପରିବାର। ମୁଣ୍ଡଝାଳ ତୁଣ୍ଡରେ ମାରି ଦିନସାରା ହାଡ଼ଭଙ୍ଗା ପରିଶ୍ରମ ପରେ ଯେତିକି ପାରିଶ୍ରମିକ ମିଳେ, ସେଥିରେ ବଡ଼କଷ୍ଟରେ ଚଳେ ପରିବାର। ତଥାପି ନିଜର ଅଭାବୀ ଜୀବନ ମଧରେ ସେ କିନ୍ତୁ ଭୁଲିନାହାନ୍ତି ପରିବେଶ ପ୍ରତି ରହିଥିବା ଦାୟିତ୍ୱ। ଦୀର୍ଘ ୧୫ ବର୍ଷ ଧରି ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଚାରା ଲଗାଇ ସ୍ଥାନୀୟ ଅଞ୍ଚଳରେ ଗୋପବନ୍ଧୁ ସୃଷ୍ଟି କରିଛନ୍ତି ନିଆରା ପରିଚୟ।

ଚାରା ଲଗାଇବା ନିଶା ସମ୍ପର୍କରେ ଗୋପବନ୍ଧୁ କୁହନ୍ତି, ଏବେ ଜଳବାୟୁ ଯେଉଁଭଳି ବଦଳୁଛି, ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ନ ହେଲେ ଆଗକୁ ବିପଦ ମାଡ଼ିଆସିବ। ଆମ ପିଲାମାନେ ହଇରାଣ ହେବେ। ସେଥିପାଇଁ ସେ ପିଲାଦିନରୁ ଗଛ ଲଗାଇବାକୁ ପଣ କରିଛନ୍ତି। ଏଥିରେ ତାଙ୍କ ମା'ଙ୍କ ପ୍ରେରଣା ବେଶ୍ କାମରେ ଆସିଛି । ଇତିମଧରେ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ, ଦେବାଳୟ, ରାସ୍ତାପାର୍ଶ୍ୱ, ଅନାବାଦୀ ଜମିରେ ପ୍ରାୟ ୨୫ ପ୍ରଜାତିର ୧୫୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଲେଣି। ଖାଲି ସମୟରେ ସେ କୋଡ଼ି, କୋଦାଳ ଧରି ଗଛ ଲଗାନ୍ତି। ଯେପରି ଗୋରୁ ସେଗୁଡ଼ିକୁ ନ ଖାଇପାରିବେ, ତାହାର ବ୍ୟବସ୍ଥା କରନ୍ତି। ସେ ଲଗାଇଥିବା ବହୁ ଗଛ ଏବେ ବଡ଼ ହୋଇ ପଥଚାରୀଙ୍କୁ ଛାଇ ଦେଉଛି। ଆଗକୁ ଏହି ଅଭିଯାନ ଜାରି ରହିବ। ସରକାରୀସ୍ତରରେ ତାଙ୍କୁ ଚାରା ଯୋଗାଇ ଦେଲେ ସେ ଏହି କାମକୁ ଠିକ୍ ଭାବେ କରିପାରିବେ ବୋଲି ଗୋପବନ୍ଧୁ କହିଛନ୍ତି।

ମାତ୍ର ୩ୟ ଶ୍ରେଣୀଯାଏ ପଢ଼ିଥିବା ଗୋପବନ୍ଧୁଙ୍କ ଏଭଳି ନିଆରା କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟୁଥିବାବେଳେ ଖଜୁରିଆକଟାସ୍ଥିତ ଓଡ଼ିଶା ନଲେଜ କର୍ପୋରେଶନ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଶାଖା ପରିଚାଳକ ପ୍ରଶାନ୍ତ ଜେନାମଣି ନବବର୍ଷ ଉପଲକ୍ଷେ ତାଙ୍କୁ ସମ୍ମାନିତ କରିଛନ୍ତି।




# ବସ୍–ହାଇୱା ମୁହାଁମୁହିଁ

### ୪ ଛାତ୍ରୀଛାତ୍ରଙ୍କ ସମେତ ୭ ଆହତ

**ରାସୋଳ, ୨୧ୀ(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାବନ୍ଧ ପଞ୍ଚାୟତ ମାଟିଆସାହି ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଓପିଏସ୍ କଲେଜର ୪ ଛାତ୍ରୀଛାତ୍ର, ୩ ବସ୍‌ଯାତ୍ରୀଙ୍କ ସମେତ ମୋଟ ୭ଜଣ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, 'ସାମଲ' ନାମକ ଯାତ୍ରୀବାହୀ ବସ୍ (ନଂ. ଓଆର୍ ୦୬ ଜେ ୪୫୨୫) ଏନ୍‌ଏଚ୍ ୫୫ରୁ ବାବନ୍ଧ ଆଡ଼କୁ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ପିଚୁ ବୋଝେଇ ହାଇୱା (ନଂ. ଓଡ଼ି ୩୫ ଏଫ୍ ୧୫୨୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଯୁବମୋର୍ଚ୍ଚା ସଭାପତି ପଙ୍କଜ ଲୋଚନ ଦାଶ ନିଜ କାର୍‌ରେ ଆହତଙ୍କୁ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏମ୍‌ପି ମହେଶ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଉକ୍ତ ସଂକୀର୍ଣ୍ଣ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ପ୍ରଶସ୍ତ କରାଇବା ଲାଗି ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାଏକ ପ୍ରଶାସନକୁ ନିବେଦନ କରିଛନ୍ତି। ଏଥିସହ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ପିଚୁ ଏବଂ ପାଉଁଶ ଗାଡ଼ିକୁ ଅଟକ ରଖିଛନ୍ତି। ରାସୋଳ ପୋଲିସ ପହଞ୍ଚି ବୁଝାଶୁଝା କରୁଛି।

# ୫୫ ଜଣଙ୍କୁ ଭତ୍ତା ବଣ୍ଟନ


ବିଧାୟକ ଜଣେ ବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି।

**ଢେଙ୍କାନାଳ ଅଫିସ,୨୧ୀ**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସୋରିଷିଆପଦା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ୫୫ ଜଣଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ବଣ୍ଟନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ବିଡିଓ ଆଶିଷ ରଞ୍ଜନ ସାହୁ, ସରପଞ୍ଚ ପ୍ରଦୀପ ରାଉତ, ବିଧାୟକଙ୍କ ପ୍ରତିନିଧି ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମଶା ଉପଦ୍ରବ ବଢୁଥିବାରୁ ଅସନ୍ତୋଷ

**ଢେଙ୍କାନାଳ ଅଫିସ, ୨୧ୀ**

ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ଫୁନା କାର୍ଯ୍ୟାଳୟରେ ସଙ୍ଗଠନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାର ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉତ୍ଫୁନାର ମହାସଚିବ ଆଇନଜୀବୀ ସୁରେଶ ଶ୍ରୀବାସ୍ତବ ଅଭାସୀ ମାଧମରେ ଏହାର ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପୌରସଂସ୍ଥା ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ ମଶା ଉପଦ୍ରବ ବଢ଼ିବାରେ ଲାଗିଛି। ଏହାର ପ୍ରତିକାର କରିବା ଲାଗି ଦାବି କରାଯାଇଥିଲା। ୨୦୨୩ ସମସ୍ତଙ୍କ ପାଇଁ ଶାନ୍ତି ସୌହାର୍ଦ୍ଦ୍ୟର ବର୍ଷ ହେଉ ବୋଲି ମତପ୍ରକାଶ ପାଇଥିଲା। ଡ. ପ୍ରମୋଦ ନାୟକ, କବି ବାହାଦୁର ପାଟସାହାଣୀ, ସରୋଜ ଶତପଥୀ, ଉପେନ୍ଦ୍ର ରାଉତ, ଅବିନାଶ ଦାସ, ଉମ୍ବରୁଧର ପଣ୍ଡା, ଦିଲୀପ ନନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ସଭ୍ୟମାନେ।

# ବିଶ୍ୱକପ୍ ହକି ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯିବ

- ୮ରେ କାମାକ୍ଷାନଗରରେ ହେବ ପଥୋତ୍ସବ
- ରେଙ୍ଗାଳି ପଡ଼ିଆରେ ଜାନୁୟାରୀ ୨୬ ପରେଡ୍

**କାମାକ୍ଷାନଗର, ୨୧ୀ(ଡି.ଏନ୍.ଏ.)**

ଜିଲା ପରିକ୍ରମାରେ ବାହାରିଥିବା ବିଶ୍ୱକପ୍ ହକି ଟ୍ରଫିକୁ ଆସନ୍ତା ୬ ତାରିଖରେ କାମାକ୍ଷାନଗରରେ ଭବ୍ୟ ସ୍ୱାଗତ କରାଯିବ। ଏଥିସହ ୭୪ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ଜାକ୍‌ଜମକରେ ପାଳନ କରାଯିବ। ଏ ନେଇ ସୋମବାର ବ୍ଲକ ସଭାଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କହିଲେ, ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନ ହେବା ଗର୍ବର ବିଷୟ। କାମାକ୍ଷାନଗରରେ ଟ୍ରଫି ପହଞ୍ଚିବା ପରେ ମହୁଲପାଳ ପଞ୍ଚାୟତ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଏହାକୁ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନିର୍ବାଚିତ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଗଣମାଧମ ପ୍ରତିନିଧି ସ୍ୱାଗତ କରିବେ। ସହର ପରିକ୍ରମା ପରେ ଏହା ପରଜଙ୍ଗ ବ୍ଲକ ଅଭିମୁଖେ ଯିବ। ସରାଙ୍ଗ ଆଇଜିଆଇଟି ପରିସରରେ ବିଧାୟକ ଡା. ନୃସିଂହ ଚରଣ ସାହୁ ଏବଂ ଅନ୍ୟ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ରହି ଏହାକୁ ସ୍ୱାଗତ କରିବେ। କେନ୍ଦୁଝର ଯିବା ରାସ୍ତାରେ କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣିରେ ଅନୁରୂପ ସ୍ୱାଗତ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସୁଦ୍ଧା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ଅବଗତ କରାଇବା ଲାଗି ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱକପ୍ ହକି ଉପଲକ୍ଷେ ଆସନ୍ତା ୮ ତାରିଖରେ କାମାକ୍ଷାନଗରରେ 'ପଥୋତ୍ସବ' ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି। ସେହିପରି ଚଳିତବର୍ଷ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସାରଙ୍ଗଧର ଷ୍ଟାଡିୟମ୍ ପରିବର୍ତ୍ତେ ରେଙ୍ଗାଳି ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ରାଜସ୍ୱ ଅଧିକାରୀ ମଦନ ମୋହନ ଜେନା, ଏସ୍‌ଡିପିଓ ରଞ୍ଜନ କୁମାର ଦେ, ବିଡିଓ ବିକାଶ ମହାନ୍ତି, ଉପଖଣ୍ଡ ଚିକିତ୍ସାଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ପଞ୍ଚାୟତିରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, କାମାକ୍ଷାନଗର କଲେଜ ଅଧକ୍ଷ ମଙ୍ଗୁଲୁ ଚରଣ ନାୟକ, ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ବନ୍ଦିତା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ଏନ୍‌କ୍ଲୋଜରରେ ଉଦ୍ଧାର କଲରାପତିରିଆ

**ଅନୁଗୋଳ ଅଫିସ, ୨୧ୀ**

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବଲଙ୍ଗ ପଞ୍ଚାୟତ ଅଞ୍ଚଳରେ ଶିକାରୀଙ୍କ ଫାଶରେ ପଡ଼ିଥିବା ଏକ କଲରାପତରିଆ ବାଘକୁ ରବିବାର ବନ କର୍ମଚାରୀ ଉଦ୍ଧାର କରିଥିଲେ। ଫାଶ ଯୋଗୁ ବାଘ ବେକରେ କ୍ଷତ ସୃଷ୍ଟି ହୋଇଛି। ରାଇଗୁଡ଼ାସ୍ଥିତ ଏନ୍‌କ୍ଲୋଜରରେ ଏହାର ଚିକିତ୍ସା ଚାଲିଛି। ବାଘର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଉଦ୍ଧାର ପରଠାରୁ ବାଘଟି ଝାଡ଼ା କିମ୍ବା ପରିସ୍ରା କରି ନ ଥିବା ଅନୁଗୋଳ ବନଖଣ୍ଡ ଡିଏଫ୍‌ଓ ବିବେକ କୁମାର ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣାରେ ବଲଙ୍ଗ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୂଚନାଯୋଗ୍ୟ, ଜନ୍ତୁ ଶିକାର ପାଇଁ ଶିକାରୀମାନେ ଜଙ୍ଗଲରେ ଫାଶ ବସାଇଥିବା ବେଳେ ଶନିବାର ରାତିରେ ଆନୁମାନିକ ୩ରୁ ୪ ବର୍ଷୀୟ ଉକ୍ତ ଅଣ୍ଡିରା କଲରାପତରିଆ ବାଘ ସେଥିରେ ପଡ଼ିଯାଇଥିଲା। ତେବେ ମୁକୁଳିବାକୁ ଚେଷ୍ଟା କରିବା ସମୟରେ ଫାଶ ଛିଣ୍ଡିଯାଇଥିଲେ ହେଁ ତାହା ବାଘ ବେକରେ ଲାଗି ରହିଥିଲା। ପାଟ୍ରୋଲିଂ କରୁଥିବା କର୍ମଚାରୀମାନଙ୍କଠାରୁ ଖବରପାଇ ତୁରନ୍ତ ସେ ଘଟଣାସ୍ଥଳକୁ ଯାଇଥିଲେ। ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା ଓ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ବାଘ ବେକରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ଏହାପରେ ତାକୁ ଯନ୍ତାରେ ରଖାଯାଇ ରାଇଗୁଡ଼ା ଏନ୍‌କ୍ଲୋଜରକୁ ନିଆଯାଇଛି।


ଜଣେ ଦିବ୍ୟାଙ୍ଗ ଶିଶୁଙ୍କୁ ଅତିଥିମାନେ କମ୍ବଳ ବଣ୍ଟନ କରୁଛନ୍ତି।

# ଭିନ୍ନକ୍ଷମ ବିଦ୍ୟାଳୟରେ କମ୍ବଳ ବଣ୍ଟନ

**ଢେଙ୍କାନାଳ ଅଫିସ, ୨୧ୀ**

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ପକ୍ଷରୁ କଣ୍ଟାନାଳୀ ବାଇପାସ୍‌ସ୍ଥିତ ଭିନ୍ନକ୍ଷମ, ସ୍ୱତନ୍ତ୍ର ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟରେ କମ୍ବଳ ବଣ୍ଟନ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କମ୍ବଳ, ମିଷ୍ଟାନ୍ନ, କଲମ ଆଦି ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ଦାସ, ଆମ ପ୍ରତିଭା ଆମ ସମ୍ମାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତ, ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା, ଜନସଂଖ୍ୟା ଫାଉଣ୍ଡେଶନ ଜିଲା ସଭାପତି କଲ୍ୟାଣ କୁମାର କାନୁନ୍‌ଗୋ, ବିଦ୍ୟାଳୟର ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଭରତ ଦାସ, ଗୁପ୍ତେଶ୍ୱର ମିଶ୍ର, ଅମରେନ୍ଦ୍ର ସାହୁ, ଅମ୍ବିକା ପ୍ରସାଦ ମିଶ୍ର, ମନ୍ମଥ ରାଓ, ଗୋକୁଳାନନ୍ଦ ମାଝି, ରୁଦ୍ରମାଧବ ହୋତା, ବନଜା ମାନସିଂ, ପର୍‌ବିନ୍ ବିବି, ଲଗନ୍ କର, ପ୍ରଭାତୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ହିମାଳୟ କିନ୍ନର ବସ୍ତି ଉତ୍ସବ ମୁଖର

### ବହୁଚରା ମାତାଙ୍କ ପୂଜାର୍ଚ୍ଚନା

**ଢେଙ୍କାନାଳ ଅଫିସ, ୨୧ୀ**

ଢେଙ୍କାନାଳ ପୌରାଞ୍ଚଳ ହିମାଳୟ କିନ୍ନର ବସ୍ତିରେ ସୋମବାର ଧୂମଧାମରେ ସମ୍ପ୍ରଦାୟର ଇଷ୍ଟଦେବୀ ବହୁଚରା ମାତାଙ୍କ ପୂଜା ପାଳିତ ହୋଇଛି। ନୃତ୍ୟ, ଗୀତ, ବାଦ୍ୟରେ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା। କିନ୍ନରମାନେ ସକାଳେ ନୂତନ ବସ୍ତ୍ର ପରିଧାନ କରି ବହୁଚରା ମାତାଙ୍କ ନିକଟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ହୁଳହୁଳି ପକାଇ ମନ୍ଦାର ଓ ଲେମ୍ବୁମାଳ ଅର୍ପଣ କରିବା ପରେ ୭ ପ୍ରକାର ସୁସ୍ୱାଦୁ ମିଠା ଓ ପିଠା ଅର୍ପଣ କରାଯାଇଥିଲା। ସ୍ୱପ୍ନାଦେଶ କିମ୍ବା କିନ୍ନର ବୋଲି ଅନୁଭବ କରିବା ପରେ ଜଣେ ବ୍ୟକ୍ତି ଇଷ୍ଟଦେବୀଙ୍କ ନିକଟରେ ନିଜକୁ ଉତ୍ସର୍ଗ କରି ଏହି ପୂଜା କରିବା ପରମ୍ପରା ରହିଛି। ପୂଜାରେ ଢେଙ୍କାନାଳ, ଅନୁଗୋଳ, ତାଳଚେର, ଦେବଗଡ଼, କଟକ ଓ ଭୁବନେଶ୍ୱରର ବହୁ କିନ୍ନର ଯୋଗଦେଇଥିଲେ।

କିନ୍ନର ମୀରା ପରିଡ଼ା, ମେଘନା ସାହୁ ପ୍ରମୁଖ ପୂଜାରେ ଭାଗନେଇଥିଲେ। କିନ୍ନରଙ୍କ ସୁରକ୍ଷା ଓ ସଚେତନତା ନେଇ ଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଢେଙ୍କାନାଳ ପୌରସଂସ୍ଥା କର୍ମଚାରୀ, ବ୍ୟାଙ୍କ କର୍ତ୍ତୃପକ୍ଷ, ଏନ୍‌ଜିଓ ଏବଂ ରାଜ୍ୟ କିନ୍ନର ସଙ୍ଗଠନର ନେତୃବୃନ୍ଦ ଭାଗ ନେଇଥିଲେ। କିନ୍ନରମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ତିଆରି କରାଯିବ। ସରକାରଙ୍କ ବିଭିନ୍ନ ଯୋଜନାରେ ଧନ୍ଦାମୂଳକ ଶିକ୍ଷାଦେଇ ଆତ୍ମନିର୍ଭରଶୀଳ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସରକାରଙ୍କ ସହିତ ଅନୁବନ୍ଧିତ ଏନ୍‌ଜିଓ କର୍ମକର୍ତ୍ତା ସୂଚନା ଦେଇଛନ୍ତି।



ବହୁଚରା ମାତାଙ୍କ ପୂଜାର୍ଚ୍ଚନାରେ ନୃତ୍ୟଗୀତରେ ମସ୍‌ଗୁଲ କିନ୍ନରମାନେ (ବାମ)। କିନ୍ନରମାନେ ମା'ଙ୍କ ପୂଜାର୍ଚ୍ଚନା କରିବାକୁ ଯାଉଛନ୍ତି।

## ସଂକ୍ଷେପରେ

### ସ୍କୁଟିରୁ ଖସିପଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଯୋଡ଼ା,୨।୧(ଡି.ଏନ.ଏ):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନାରଦପୁର ଗ୍ରାମ୍ୟ ରାସ୍ତାରେ ରବିବାର ସ୍କୁଟିରୁ ଖସିପଡ଼ି ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ସ୍ୱାମୀ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଗଆମର ଉଷାରାଣୀ(୫୮)। ଖବର ନେବାରୁ ଜଣାପଡ଼ିଛି, ରବିବାର ଗ୍ରାମର ଅଖିଳ ଚନ୍ଦ୍ର ବାରିକ ଓ ସ୍ତ୍ରୀ ଉଷାରାଣୀ ବାରିକ ସ୍କୁଟିରେ ଝିଅ ଘର ପଳଶାରୁ ଘରକୁ ଫେରୁଥିଲେ। ବାଟରେ ଭାରସାମ୍ୟ ହରାଇ ସ୍ୱାମୀ-ସ୍ତ୍ରୀ ସ୍କୁଟିରୁ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଲୋକେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଉଷାରାଣୀଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ଅଖିଳ ଚନ୍ଦ୍ର କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ପୋଲିସ ନଂ. ୧/୨୩ ମାମଲା ରୁଜୁ କରି ତଦନ୍ତ କରୁଛି।

### ଭଦ୍ରକ-ପୁରୀ ମେମୋ ଘୋଷଣା ପାଇଁ କୃତଜ୍ଞତା ଜଣାଇଲା ଭାଜପା

**ଭଦ୍ରକ ଅଫିସ,୨।୧:** ଭଦ୍ରକରୁ ପୁରୀକୁ ମେମୋ ଟ୍ରେନ୍ ଚଳାଚଳ ନେଇ ଗତ ୩୦ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିବାରୁ ଜିଲା ଭାଜପା ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ରେଳମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀଙ୍କ ପୌରୋହିତ୍ୟରେ ଜିଲା କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଅଭିମନ୍ୟୁ ସେଠୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ସଂସଦୀୟ କ୍ଷେତ୍ର ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜିଲା ସହପ୍ରଭାରୀ ସିପ୍ରା ବାଜପେୟୀ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ, ଡା. ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ।

### କାନ୍ଥରେ ଧକ୍କାଦେଇ ବାଇକ୍ ଚାଳକ ମୃତ

**ପାଟଣା,୨।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ସାହାରପଡ଼ା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ କଡ଼ ଜଣଙ୍କ ଘର କାନ୍ଥକୁ ଧକ୍କା ଦେଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟଣା ଥାନା ବଡ଼ବିଲ ପଞ୍ଚାୟତ ଟଭାସରୁଆ ଗ୍ରାମର ସାୟଦ ମହାକୁଡ଼(୧୮)। ଆହତ ଯୁବକ ହେଉଛନ୍ତି ଅନୀଲ ନାଏକ। ଉଭୟ ରବିବାର ରାତିରେ ସାହାରପଡ଼ା ପାର୍ଶ୍ୱରୁ ପାଟଣା ଆଡ଼କୁ ଯାଉଥିଲେ। ଧାନବେଣୀ ବାଙ୍କ ନିକଟରେ ଜଣକ ଘର କାନ୍ଥରେ ବାଇକ୍ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଅଗ୍ନିଶମ ବାହିନୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ସାୟଦଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ନଂ. ୧/ ୨୩ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ୧୨ ଅଭିଯୋଗର ଦ୍ରୁତ ସମାଧାନ



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**କାମାକ୍ଷାନଗର, ୨।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ ହୋଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ୧୮ଟି ବ୍ୟକ୍ତିଗତ ଏବଂ ୨ଟି ସାମୂହିକ ରହିଥିଲା। ଜିଲାପାଳ ସରୋଜ କୁମାର ସେଠୀଙ୍କ ଉପସ୍ଥିତିରେ ୧୨ଟିର ଦ୍ରୁତ ସମାଧାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସିଡିଏମ୍‌ଓ ଅଶୋକ କୁମାର ଦାସ, ଏଡିଏମ୍‌ଓ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ବିଡିଓ ବିକାଶ କୁମାର ମହାନ୍ତି, ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ କୈଳାସ ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପଦାଧିକାରୀଙ୍କୁ ଜିଲାପାଳ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ଜନସାଧାରଣଙ୍କୁ ନିଜର ଭାବି ସେମାନଙ୍କ ସମସ୍ୟା ଦୂର କରିବାକୁ ନିବେଦନ କରିଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ଖୋଲୁ ନ ଥିବା ଉଦ୍‌ବେଗ

ଢେଙ୍କାନାଳ ଜିଲାର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ନିୟମିତ ଖୋଲୁନାହିଁ। ଜରୁରୀ କାର୍ଯ୍ୟରେ ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀ ସେବା ନ ପାଇ ନିରାଶ ହେଉଛନ୍ତି। ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟଦିନରେ ପଞ୍ଚାୟତ କାର୍ଯ୍ୟାଳୟ, ମୋ ସେବାକେନ୍ଦ୍ର ଖୋଲା ରଖିବା ଦିଗରେ ଯତ୍ନବାନ ହେବାକୁ ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ଶତପଥୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଆବାସ ଯୋଜନାରେ ସାମିଲ କରାଇବା, ଜିଲା ପରିକ୍ରମାରେ ଆସୁଥିବା ବିଶ୍ୱକପ୍ ହକି ଟ୍ରଫିକୁ ଭବ୍ୟ ସ୍ୱାଗତ କରିବା ଏବଂ ଏହି କାର୍ଯ୍ୟକ୍ରମରେ ଯେପରି ସବୁବର୍ଗର ଲୋକେ ସାମିଲ ହେବେ, ସେ ଦିଗରେ ଗୁରୁତ୍ୱଦେବାକୁ ଜିଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

# ଗୋଡଭଙ୍ଗା ଘାଟିରେ କାର୍‌କୁ ଧକ୍କା ଦେଲା ବସ୍

**ଠାକୁରମୁଣ୍ଡା, ୨।୧ (ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଗୋଡ଼ଭଙ୍ଗା ଘାଟି ବାଙ୍କ ରାସ୍ତାରେ ସୋମବାର ସକାଳେ ଏକ ବସ୍-କାର୍ ଧକ୍କା ହୋଇଛି। ଦୁର୍ଘଟଣା ପରେ ବସ୍‌ଟି ଘଟ ଣାସ୍ଥଳରୁ ଖସି ପଳାଇଥିବା ବେଳେ କାର୍‌ଟି ଭାଙ୍ଗିରୁଜି ଯାଇଛି। କାର୍ ଚାଳକ ଏକୁଟିଆ ଯାଉଥିବା ବେଳେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ବାରିପଦା ଆଦର୍ଶ ବିଦ୍ୟାଳୟର ଶିକ୍ଷକ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଅଞ୍ଚଳର ନିରଞ୍ଜନ ଓଝା(୪୪) ସକାଳ ପ୍ରାୟ ୮ଟା ବେଳେ ନିଜ କାର୍‌ରେ ବାରିପଦା ଅଭିମୁଖେ ଆସୁଥିଲେ। ଏହି ସମୟରେ ତୀର୍ଥଯାତ୍ରୀଙ୍କୁ ଛାଡ଼ି ଠାକୁରମୁଣ୍ଡା ପଟୁ ଯାଉଥିବା ବସ୍ କାର୍‌କୁ ଧକ୍କା ଦେଇଥିଲା। ଏଥିରେ ନିରଞ୍ଜନ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ମହୁଲଡିହା ଥାନା ଏଏସ୍‌ଆଇ ସରୋଜ କୁମାର ମିଶ୍ର ଦୁର୍ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ କାର୍‌କୁ ରାସ୍ତାରୁ ହଟାଇ ଘଟଣାର ତଦନ୍ତ କରୁଛନ୍ତି।

# ରାସ୍ତାରେ ଗରା, ବାଲ୍‌ଟି ରଖି ପ୍ରତିବାଦ



ରାସ୍ତାରେ ଗରା, ବାଲଟି ରଖି ମହିଳା ପ୍ରତିବାଦ କରୁଛନ୍ତି।

**ଆନନ୍ଦପୁର/କଣ୍ଟିପାଳ,୨।୧ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ କଣ୍ଟିପାଳ ପଞ୍ଚାୟତ ବରବେଡ଼ା ସାହିରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଏନେଇ ବ୍ଲକ୍, ପଞ୍ଚାୟତରେ ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁ ନାହାନ୍ତି। ବାଧ ହୋଇ ସାହିର ମହିଳାମାନେ ସୋମବାର ରାସ୍ତାରେ ଗରା, ବାଲଟି ରଖି ପ୍ରତିବାଦ କରିଥିଲେ।

ସର୍ବସାଧାରଣରେ ବ୍ୟବହାର ପାଇଁ ସାହିରେ ଥିବା ଗୋଟିଏ ନଳକୂପ ୩ ମାସ ହେବ ଅଚଳ ହୋଇପଡ଼ିଛି। ନୂଆ ନଳକୂପର ବୋର କାର୍ଯ୍ୟ ୨ ମାସ ହେବ ଶେଷ ହୋଇଥିଲେ ବି ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରୁନି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ କଲେ ଜିନିଷ ନାହିଁ ନୂଆ ନଳକୂପ ଫିଟିଂ ହୋଇପାରୁ ନ ଥିବା କହୁଛନ୍ତି। ଫଳରେ ଲୋକମାନେ ବାଧ ହୋଇ ନିକଟସ୍ଥ ଘାଗରା ନଦୀ ଉପରେ ପାନୀୟ ଜଳ ପାଇଁ ନିର୍ଭର କରୁଥିବା କହିଛନ୍ତି। ନଳକୂପ ସଜଡ଼ା ଯାଉ ନ ଥିବାରୁ ବାଧ ହୋଇ ନାଳରୁ ଅପରିଷ୍କାର ପାଣି ବ୍ୟବହାର କରୁଥିବା ବରବେଡ଼ା ସାହିର ଜ୍ୟୋତ୍ସ୍ନାରାଣୀ ଖଣ୍ଡ ପ୍ରକାଶ କରିଛନ୍ତି। ସେହିଭଳି ଗ୍ରାମର ତାପସୀ ନାଏକ କହିଛନ୍ତି, ପାନୀୟ ଜଳ ପାଇଁ ଆମେ ବହୁ ହିନସ୍ତା ହଉଛୁ। ବେଳେ ବେଳେ ଜଣେ ଲୋକଙ୍କ ଘରୋଇ ନଳକୂପକୁ ବ୍ୟବହାର କରୁଛୁ। ପାନୀୟ ଜଳର ଏଭଳି ସଙ୍କଟମୟ ସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ ଦ୍ରୁତ ବେଗରେ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ୮ ମାସ ହେଲା ବୋରୱେଲ ଅଚଳ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ,୨।୧**

ଢେଙ୍କାନାଳ ଜିଲା ସଦର ବ୍ଲକ ଶୁଆଖାଇକାଟେଣୀ ପଞ୍ଚାୟତ କନ୍ଧପଡା ଗ୍ରାମରେ ୮ ମାସ ହେବ ବୋରୱେଲ ଅଚଳ ହୋଇପଡିଛି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ସମସ୍ୟା ସମାଧାନ ଦାବିରେ ଅଞ୍ଚଳବାସୀ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ମୁତାବକ, ୨୦୧୯ରେ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମରେ ଗୋଟିଏ ବୋରୱେଲ ଖୋଳାଯାଇଥିଲା। ଏହା ଦୀର୍ଘ ୮ମାସ ହେଲା ଅଚଳ ହୋଇପଡ଼ିଛି। ନିମ୍ନମାନର ମୋଟର ଲଗାଯାଉଥିବାରୁ ଏହା ବାରମ୍ବାର ଖରାପ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମହେଶ୍ୱର ସାହୁ, ବନମାଳୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଏକଲବ୍ୟ ସାହୁ, ସୁଭଦ୍ରା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି।

### ନଦୀରେ ବୁଡ଼ି ଯୁବକ ମୃତ

**ବାଙ୍ଗିରିପୋଷି,(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ବୁଢ଼ାବଳଙ୍ଗ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଝିଗାଁ ଗ୍ରାମର ଲକ୍ଷ୍ମୀଧର ଦାସ। ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ସୋମବାର ମଧ୍ୟାହ୍ନରେ ବୁଢ଼ାବଳଙ୍ଗ ନଦୀର କାଳିଆମି ପୋଲ ନିକଟରେ ଗାଧାଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟପଟେ ଗାଧୋଉଥିବା ଲୋକେ ଦେଖି ଦୌଡ଼ି ଆସି ତାଙ୍କୁ ପାଣିରୁ ଉଦ୍ଧାର କରିବା ସହ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି

**ବାରିପଦା ଅଫିସ,୨।୧**

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଓ ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଦ୍ରୁତ ପ୍ରକ୍ରିୟାରେ ସମାଧାନ ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୋଟ ୧୨୧ ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବେଳେ ୧୦୩ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଏବଂ ୧୮ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାଭିତ୍ତିକ ସାମୂହିକ ଅଭିଯୋଗ ଥିଲା। ୧୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୭ଟି ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତିକୁ ବିଚାର କରି ୨ଜଣଙ୍କୁ ୨ହଜାର ଲେଖାଏ ଏବଂ ଅନ୍ୟ ୫ ଜଣଙ୍କୁ ୫ ହଜାର ଲେଖାଏ ମୋଟ ୨୯ହଜାର ଟଙ୍କା ସହାୟତା ରାଶି ଜିଲା ରେଡ୍‌କ୍ରସ ପାଣ୍ଠିରୁ ଜିଲାପାଳ ମଞ୍ଜୁର କରିଛନ୍ତି। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ସବିଶେଷ ତଦନ୍ତ କରି ଅନୁଧାନପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ଦ୍ରୁତ ପ୍ରକ୍ରିୟାରେ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୌଲତ ଚନ୍ଦ୍ରକାର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧୀନ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା କରାଯାଇଥିଲା।

# ବ୍ରାହ୍ମଣୀରେ ଛଡାଗଲା ୪ ଲକ୍ଷ ଯାଆଁଳ




ବ୍ରାହ୍ମଣୀ ନଦୀରେ ମାଛ ଯାଆଁଳ ଛଡ଼ାଯାଉଛି।

**ଢେଙ୍କାନାଳ ଅଫିସ,୨।୧**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବ୍ରାହ୍ମଣୀ ନଦୀର କମଗରାଘାଟରେ ମତ୍ସ୍ୟ ବିଭାଗ ପକ୍ଷରୁ ଶନିବାର ମାଛ ଯାଆଁଳ ଛଡ଼ାଯାଇଛି। ନଦୀରେ ମତ୍ସ୍ୟ ସମ୍ପଦ ବୃଦ୍ଧି ଉଦ୍ଦେଶ୍ୟରେ ପ୍ରାୟ ୪ ଲକ୍ଷ ଆଙ୍ଗୁଳିକା ଯାଆଁଳ ଛଡାଯାଇଥିଲା। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ମତ୍ସ୍ୟ ସମବାୟ ସମିତିର ୨୫୦ ମାଛଚାଷୀ ଉପସ୍ଥିତ ଥିଲେ। ଜିଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କର ପରିଚାଳନା କରିଥିଲେ। ମତ୍ସ୍ୟ ବିଭାଗ ଅଧିକାରୀ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ନଦୀର ଜୈବବିବିଧତା ସୁରକ୍ଷା ପ୍ରତି ଯତ୍ନବାନ ହେବା, ଅତି ଛୋଟ କ୍ଷୁଦ୍ରଯୁକ୍ତ ଜାଲ ବ୍ୟବହାର ନ କରିବା, ମାଛ ମାରିବାରେ ଡନାମାଇଟ୍ ଭଳି ବିପଜ୍ଜନକ କାର୍ଯ୍ୟ ନ କରିବାକୁ ପରାମର୍ଶ ଦିଆଯାଇଛି।

# ଆବାସ କାର୍ଯ୍ୟ ଶୀଘ୍ର ସାରିବାକୁ ପ୍ରଶାସନର ତାଗିଦା



**ଆନନ୍ଦପୁର,୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ପକ୍ଷରୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଶୀଘ୍ର ଗୃହ କାର୍ଯ୍ୟ କରିବାକୁ କିଛିଦିନ ଧରି ଡାକବାଜି ଯନ୍ତ୍ର ଯୋଗେ ତାଗିଦା କରାଯାଉଛି। ଏଭଳି ପରିସ୍ଥିତିରେ ଆନନ୍ଦପୁରରେ ବାଲି ମିଳୁ ନ ଥିବାରୁ ହିତାଧିକାରୀଙ୍କ ପାଇଁ ସମସ୍ୟା ବଢ଼ିଯାଇଛି। ବାଲି ଅଭାବ କାରଣରୁ ଫ୍ଲାଏ ଆସ୍ ଇଟା ମଧ୍ୟ ପ୍ରସ୍ତୁତିରେ ବାଧା ଉପୁଜୁଛି। ଫଳରେ ଗୃହ ନିର୍ମାଣ ଥମିଯାଇଛି। କାର୍ଯ୍ୟାଦେଶ ଅବଧିକୁ ବୃଦ୍ଧି କରିବାକୁ ହିତାଧିକାରୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦପୁର ତହସିଲ ଅଧୀନ ଆନନ୍ଦପୁର, କୋଡ଼ପଡ଼ାର ଗୌଡ଼ଡ଼ିହା, ଟୁକୁଣା, ବେଲବାହାଳି, ପଞ୍ଚୁପଲୀ, ଅମାରଙ୍ଗ, ଘସିପୁରା ତହସିଲର ତାଳଗାଁ, ହାଟଡ଼ିହୀ ତହସିଲ ଅଧୀନ ବଂଚୋ ବାଲି ସୈରାତଗୁଡ଼ିକ ବନ୍ଦ ରହିଛି। ଉକ୍ତ ସୈରାତ ଉପରେ ବିଶେଷ କରି ଆନନ୍ଦପୁର ପୌରାଞ୍ଚଳବାସୀ ବାଲି ପାଇଁ ନିର୍ଭର କରିଥାନ୍ତି। ସୈରାତ ବନ୍ଦ ଥିବାରୁ ପୌରାଞ୍ଚଳରେ ଆବାସ ଯୋଜନାରେ ସାମିଲ ଥିବା ହିତାଧିକାରୀ ବୁଦ୍ଧଦେବ ରାମ, ନିରଞ୍ଜନ ମିଶ୍ରଙ୍କ ଭଳି ଅନେକ ହିତାଧିକାରୀ ଗୃହ କାର୍ଯ୍ୟ ଶେଷ କରିପାରୁ ନ ଥିବା ପ୍ରକାଶ କରିଛନ୍ତି। ଏପରିକି ସେମାନେ ଗୃହ କାର୍ଯ୍ୟ ପାଇଁ ପୁରୁଣା କଚ୍ଚାଘରକୁ ଭାଙ୍ଗି ଅନ୍ୟତ୍ର ଆଶ୍ରୟ ନେଉଥିବା ମଧ୍ୟ ଦେଖାଯାଇଛି। ବାଲି ସମସ୍ୟାକୁ ଦୃଷ୍ଟିରେ ରଖି ଆବାସ ଗୃହ କାର୍ଯ୍ୟ ଶେଷ କରିବାର ସମୟ ସୀମାକୁ ବୃଦ୍ଧି କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ, ଆନନ୍ଦପୁର ପୌରପରିଷଦ ଅଞ୍ଚଳ ସଂଲଗ୍ନ ରହିଥିବା ବୈତରଣୀ ନଦୀର ବାଲି ସୈରାତଗୁଡ଼ିକ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇପାରିନି। ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ବାଲି ସୈରାତଗୁଡ଼ିକର ନିଲାମ କାର୍ଯ୍ୟ ଶେଷ ହେବା ସତ୍ତ୍ୱେ ଅଦ୍ୟାବଧି ଏହା ପ୍ରଶାସନିକ ସ୍ତରରେ କାର୍ଯ୍ୟକ୍ଷମ ହୋଇପାରିନି। ଏପରିକି କେତେକ ବାଲି ସୈରାତର ପରିବେଶ ମଞ୍ଜୁରୀ ପାଇ ପ୍ରଦୂଷଣ ବିଭାଗ ଦ୍ୱାରା ଜନଶୁଣାଣି ମଧ୍ୟ ଶେଷ ହୋଇଛି। ହେଲେ ଦୀର୍ଘ ତିନି ଓ ଚାରି ମାସରୁ ଉର୍ଦ୍ଧ୍ୱ ଦିନ ଧରି ସୈରାତ କାର୍ଯ୍ୟକାରୀ ହୋଇପାରୁନାହିଁ।

# ‘ନିର୍ଭୀକ ଭାବେ କଲମ ଚଳାଅ’

### ଭୁବନ ଆଞ୍ଚଳିକ ସାହିତ୍ୟ କଳାସେବା ପରିଷଦର ସାରସ୍ୱତ ସମାବେଶ

**ଭୁବନ, ୨।୧(ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ଭୁବନ ବରିଷ୍ଠ ନାଗରିକ ସଭାଗୃହରେ ରବିବାର ଆଞ୍ଚଳିକ ସାହିତ୍ୟ କଳାସେବା ପରିଷଦର ସାରସ୍ୱତ ସମାବେଶ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା ବରିଷ୍ଠ ପ୍ରଶାସକ ହରିଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରି କହିଲେ, ସମକାଳୀନ ସମାଜର ସମସ୍ୟା ସମାଧାନ କରିବାରେ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତୋଷାମତ ଛାଡ଼ି ନିର୍ଭୀକ ଭାବେ କଲମ ଚଳାଇବା ପାଇଁ ସେ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ପ୍ରଫେସର ଡ. ବିବେକାନନ୍ଦ ପାଣିଗ୍ରାହୀ କହିଲେ, ଭୁବନ ଶାସନର କେଶବ ମିଶ୍ରଙ୍କ ଜ୍ୟୋତିଷ ଶିକ୍ଷା ପୁସ୍ତକ ଏବେ ବି ଚହଳ ସୃଷ୍ଟି କରୁଛି। ସେହିପରି ଗଡ଼ଜାତ ପ୍ରଜା ଆନ୍ଦୋଳନରେ ପଣ୍ଡିତ ଗଙ୍ଗାଧର ମିଶ୍ର, ପଣ୍ଡିତ ପଦ୍ମନାଭ ମିଶ୍ର, ନାଟ୍ୟକାର ପୀତାମ୍ବର ମିଶ୍ର, ସାହିତ୍ୟିକ କୃପାସାଗର ସାହୁ, ଶାଳବଣର କବି ଗିରୀଶ ଚନ୍ଦ୍ର ନନ୍ଦଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସ୍ୱାଧୀନତା ସଂଗ୍ରାମରେ ଶହୀଦ ବାଜି ରାଉତଙ୍କ ବଳିଦାନ ଏହି ମାଟିକୁ ଗୌରବାନ୍ୱିତ କରିଛି। ଏହି ଧାରା ଆଗକୁ ନେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ମହିଳା କଲେଜର ଅଧ୍ୟକ୍ଷ ଦିଲୀପ ଦାସ, ନବ ନିର୍ମାଣ କୃଷକ ସମାଜ ସଭାପତି ବିପ୍ରବର ସାହୁ, ସାହିତ୍ୟିକ ଡା. ରବୀନ୍ଦ୍ର କୁମାର ସାହୁ, ଓଡ଼ିଶା ବିକାଶ ପରିଷଦର ଆବାହକ ରାଜନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଢେଙ୍କାନାଳର ସାରସ୍ୱତ ସାଧକଙ୍କ ରଚନାବଳୀକୁ ନେଇ ଏକ ପୁସ୍ତକ ପ୍ରକାଶ କରିବାକୁ ମତବ୍ୟକ୍ତ କରିଥିଲେ।

ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ତଥା ବରିଷ୍ଠ ପାଲା ଗାୟକ ଅଶୋକ କୁମାର ସାମଲ, ଚିତ୍ରଶିଳ୍ପୀ ନାରାୟଣ ସାହୁ, ନାରୀକବି ବିଳାସିନୀ ପୃଷ୍ଟି, ବିଳାସିନୀ ମିଶ୍ରଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। ସାହିତ୍ୟିକ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୧.୪୦ ଲକ୍ଷ ଜରିମାନା ଆଦାୟ

**କଣିହାଁ, ୨।୧(ଡି.ଏନ୍.ଏ.):** ବେଆଇନ ବାଲି ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲା ଏନ୍‌ଫୋର୍ସମେଣ୍ଟ ଟିମ୍ ଡିସେମ୍ବର ୩୧ରେ କଣିହାଁ ବ୍ଲକ ଡେରେଙ୍ଗ ଅଞ୍ଚଳରେ ଚଢ଼ାଉ କରି ୨ଟି ଟ୍ରକ୍ ଜବତ କରିଥିଲା। ଗାଡ଼ି ଦୁଇଟିକୁ କଣିହାଁ ଥାନାରେ ଜିମା ଦିଆଯାଇଥିଲା। ସେଥିରୁ ୧ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ତହସିଲ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଟ୍ରକ୍ ମାଲିକଙ୍କୁ ସେମାନଙ୍କ ଗାଡ଼ି ହସ୍ତାନ୍ତର କରାଯାଇଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ପତିତପାବନ ଦେବତା ସୂଚନା ଦେଇଛନ୍ତି।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା, ୨।୧(ସ୍ୱ.ପ୍ର.)**-ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ ଓ ମାରପିଟ୍ କରିବା ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ କୋଶଳା ଶିମିଳି ସାହିର ପୁରୁଷୋତ୍ତମ ବେହେରାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ପୁରୁଷୋତ୍ତମ ନିଶାସକ୍ତ ଅବସ୍ଥାରେ ସମ୍ପୃକ୍ତା ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲେ। ତାଙ୍କ ସ୍ୱାମୀ ହସ୍ତକ୍ଷେପ କରିବାକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ପୀଡ଼ିତାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ନଂ. ୨/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା।



### ବରିଷ୍ଠ ଆଇନଜୀବୀ ଦିଲୀପ ରଥଙ୍କ ସ୍ମୃତିସଭା

**ଅନୁଗୋଳ ଅଫିସ, ୨।୧**

ଅନୁଗୋଳ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଦିଲୀପ ରଥଙ୍କ ଗତ ଡିସେମ୍ବର ୨୮ରେ କଟକ ଏସ୍‌ସିବି ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ସାହୁଙ୍କ ଅଧକ୍ଷତାରେ ସୋମବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ରଥ ନିଜ ଜୀବନକାଳ ମଧ୍ୟରେ ଏକାଧିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଜଣେ ସ୍ପଷ୍ଟବାଦୀ, ସମୟାନୁବର୍ତ୍ତୀ, ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କର ପରଲୋକ ଆଇନଜୀବୀ ସଂଘ ପାଇଁ ଶକ୍ତ ଧକ୍କା ବୋଲି ମତପ୍ରକାଶ ପାଇଥିଲା। ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ପରମାନନ୍ଦ ମିଶ୍ର, ମହେନ୍ଦ୍ର ବସ୍ତିଆ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ଗଣେଶ୍ୱର ସାହୁ, ପ୍ରଦୀପ ଦେବତା, ବୀରେନ ନାଏକ, ଗୋପାଳ ନାଥ, ଅଶୋକ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଦିନକରେ ୧ ଟନ୍ ଆବର୍ଜନା ସଂଗ୍ରହ



ସ୍ୱେଚ୍ଛାସେବୀମାନେ ଆବର୍ଜନା ସଂଗ୍ରହ କରିଛନ୍ତି।

**ଅନୁଗୋଳ ଅଫିସ, ୨।୧**

ଅନୁଗୋଳ ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଡେରେଜାଙ୍ଗ ଜଳଭଣ୍ଡାରକୁ ସଫାସୁତରା ରଖିବା ଲାଗି ଆରମ୍ଭ ହୋଇଥିବା ଅଭିଯାନରେ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି। ସୋମବାର ଦିନକରେ ଡ୍ୟାମରୁ ୧ ଟନ୍‌ରୁ ଉର୍ଦ୍ଧ୍ୱ ଆବର୍ଜନା ବାହାର କରାଯାଇଛି। ଏହି ଏକଦିବସୀୟ ସଫେଇ କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର, ସାଥୀ ପରିବାର, ପରତରା ୟଙ୍ଗ ଷ୍ଟାର କ୍ଲବର ସଦସ୍ୟ ସାମିଲ ହୋଇଥିଲେ।

ବ୍ୟସ୍ତବହୁଳ ଜୀବନକୁ ହାଲୁକା କରିବା ପାଇଁ ଅନୁଗୋଳ ସହରବାସୀଙ୍କ ପାଇଁ ସୁଲଭ ଡେଷ୍ଟିନେଶନ ପାଲଟିଛି ଡେରଜାଙ୍ଗ ଡ୍ୟାମ୍। ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶି, ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ଜିଲାର ବିଭିନ୍ନ ସ୍ଥାନରୁ ବର୍ଷତମାମ ଏଠାକୁ ପର୍ଯ୍ୟଟକ ଆସିଥାଆନ୍ତି। ଜଳଭଣ୍ଡାର ଜମିକୁ ଜଳ ଯୋଗାଉଥିବାବେଳେ ଏଠାରେ ସୃଷ୍ଟିହୋଇଛି ଏକ ସୁଦୃଢ଼ ଆର୍ଦ୍ରଭୂମି। ଫଳରେ ଡ୍ୟାମ୍ ଏବଂ ଏହର ଆଖପାଖ ଅଞ୍ଚଳ ପାଲଟିଛି ବିଭିନ୍ନ ପ୍ରଜାତିର ପକ୍ଷୀ, ଜଳଚର ଜୀବଙ୍କ ପ୍ରାକୃତିକ ଆବାସସ୍ଥଳୀ। ତେବେ କେତେଜଣ ଦାୟିତ୍ୱହୀନ ପର୍ଯ୍ୟଟକଙ୍କ କାର୍ଯ୍ୟକଳାପ ଡ୍ୟାମ୍‌କୁ ପ୍ରଦୂଷିତ କରୁଛି। ପ୍ଲାଷ୍ଟିକ୍ ବୋତଲ, ଜରି, ଥଳି ଏବଂ ବିପଜ୍ଜନକ ବର୍ଜ୍ୟ ଜଳଭଣ୍ଡାର ଜୈବ ବିବିଧତାକୁ ନଷ୍ଟ କରୁଛି। ଏହାର ପ୍ରତିକାର ଲାଗି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୭୪ତମ ଜୟନ୍ତୀ ତଥା 'ଏକତା ଦିବସ'ରୁ ଆରମ୍ଭ ହୋଇଛି 'ନିର୍ମଳ ଡେରଜାଙ୍ଗ ଜଳଭଣ୍ଡାର ଅଭିଯାନ'। ବର୍ଷତମାମ ଡ୍ୟାମ ଏବଂ ଏହାର ଆଖପାଖ ଅଞ୍ଚଳରେ ସଫେଇ ଅଭିଯାନ ଜାରି ରହିଥିବାବେଳେ ନୂଆବର୍ଷର ଦ୍ୱିତୀୟ ଦିନରେ ଜଳଭଣ୍ଡାର ଭିତରୁ ୧ ଟନ୍‌ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରାଯାଇଥିଲା।

ବିଶିଷ୍ଟ ପରିବେଶବିତ୍ ପ୍ରସନ୍ନ ବେହେରା, ଯୁବ ସାମାଜିକ କର୍ମୀ ସୁବ୍ରତ ସାହୁ, ପ୍ରକୃତିପ୍ରେମୀ ସୁଦର୍ଶନ ପ୍ରଧାନ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରାଇଥିଲେ। ଏହି ଅଭିଯାନ ବର୍ଷତମାମ ଚାଲିବ। ଜଳଭଣ୍ଡାର ପରିବେଶକୁ ସଫାସୁତରା ରଖିବା ଲାଗି ଜିଲା ପ୍ରଶାସନ ସହାୟତାରେ ପର୍ଯ୍ୟଟକଙ୍କୁ ସଚେତନ କରାଯିବ ବୋଲି ସାଥୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

**ନିର୍ମଳ ଡେରଜାଙ୍ଗ ଡ୍ୟାମ୍ ଅଭିଯାନ**

# ଜମି ବିବାଦରୁ ୧୫ ବର୍ଷ ହେଲା ସାମାଜିକ ବାସନ୍ଦ

**ଅନୁଗୋଳ ଅଫିସ, ୨।୧**



ସ୍ୱାମୀଙ୍କ ସହ ଉଜ୍ଜ୍ୱଳା ନାଏକ ।

ଜମିବାଡ଼ି ବିବାଦରୁ ଏକ ପରିବାର ଦୀର୍ଘ ୧୫ବର୍ଷ ହେଲା ସାମାଜିକ ବାସନ୍ଦର ଶିକାର ହୋଇ ଅକଥନୀୟ ମାନସିକ ନିର୍ଯାତନା ଭୋଗୁଛନ୍ତି। ଅନୁଗୋଳ ଜିଲା ବନ୍ତଳା ଥାନା ବଡ଼କନ୍ତକୁଳ ଜାମୁଗାଡ଼ିଆ ଗ୍ରାମରୁ ଆସିଛି ଏଭଳି ଏକ ଅଭିଯୋଗ। ସାମାଜିକ ତାଡ଼ନାର ଶିକାର ହୋଇଥିବା ସମ୍ପୃକ୍ତ ଦମ୍ପତି ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉଜ୍ଜ୍ୱଳା ନାଏକ ଏବଂ ତାଙ୍କ ସ୍ୱାମୀ ପବିତ୍ର ନାଏକଙ୍କ ଅଭିଯୋଗ ଅନୁଯାୟୀ, ଜମିବାଡ଼ି ବିବାଦକୁ ନେଇ ତାଙ୍କ ପରିବାରକୁ ୧୫ବର୍ଷ ହେଲା ସାମାଜିକ ବାସନ୍ଦ କରାଯାଇଛି। କୌଣସି କାର୍ଯ୍ୟରେ ସେମାନଙ୍କୁ ସାମିଲ କରାଯାଉନାହିଁ। ମନ୍ଦିର ପ୍ରବେଶ, ଗାଁ ଦୋକାନରୁ ସଉଦା କିଣିବା, ପୋଖରୀ ବ୍ୟବହାର, ଅନ୍ୟମାନଙ୍କ ସହ କଥାବାର୍ତ୍ତା ଉପରେ କଟକଣା ଲଗାଯାଇଛି। ଦୀର୍ଘ ଦିନ ହେଲା ଜାରି କରାଯାଇଥିବା ଏଭଳି କଟକଣା ଯୋଗୁ ପରିବାର ଲୋକେ ମାନସିକ ନିର୍ଯାତନା ଭୋଗୁଛନ୍ତି। ତେଣୁ ପୋଲିସ ଏବଂ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ମିଳିତ ଭାବେ ଏହାର ସମାଧାନ କରିବାକୁ ସମ୍ପୃକ୍ତ ଦମ୍ପତି ଦାବି କରିଛନ୍ତି।

# ୫୭ ଅଭିଯୋଗର ଶୁଣାଣି



ଜନଶୁଣାଣି ଶିବିରରେ ଅଧିକାରୀମାନେ।

**ବଇଣ୍ଡା, ୨।୧(ଡି.ଏନ୍.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା, ଉପଜିଲାପାଳ ତରଣୀ ସୁନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାଏ, ବିଡିଓ ବିନୋଦ ବିହାରୀ ବେହେରା, ଏବିଡିଓ ଦିଲୀପ ପ୍ରଧାନ, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୫୭ ଅଭିଯୋଗର ଶୁଣାଣି ହୋଇଥିଲା। ଗ୍ରାମାଞ୍ଚଳରେ ବହୁ ସମସ୍ୟା ରହିଛି। ଏହାର ସମାଧାନ ଦିଗରେ ଯତ୍ନବାନ୍ ହେବାକୁ ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କୌପୀନଧାରୀଙ୍କ ସମସ୍ୟା ଆଲୋଚନା

**ଛେଣ୍ଡିପଦା, ୨।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳର କୌପୀନଧାରୀ ମହିମା ସମାଜ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବହୁ ଅନୁଗାମୀ, ସାଧୁସନ୍ନ୍ୟାସୀ ଯୋଗଦେଇ ଅଲେଖ ମହିମା ସମାଜର ସାଙ୍ଗଠନିକ ଉନ୍ନତି, ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଗୋଳ ଜିଲାବାସୀ ତଥା ମହିମା ସନ୍ନ୍ୟାସୀଙ୍କ ଦୀର୍ଘଦିନର ଦାବି ପୂରଣ ପୂର୍ବକ କେନ୍ଦ୍ର ସରକାର 'ମହିମା ଗୋସାଇଁ ଏକ୍ସପ୍ରେସ୍'ର ଶୁଭାରମ୍ଭ କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଜେଜେଙ୍କୁ ଆକ୍ରମଣ କରି ନାତି ଗିରଫ

**ଅନୁଗୋଳ ଅଫିସ,୨।୧**

ଜେଜେଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଅନୁଗୋଳ ଥାନା ପୋଲିସ ନୂଆପଡ଼ା ଗ୍ରାମର ନାତି ସୁନୀଲ ଦେହୁରୀ (୨୮)ଙ୍କୁ ଗିରଫ କରିଛି। ଆକ୍ରମଣର ଶିକାର ଜେଜେ କାହ୍ନୁ ଦେହୁରୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୧/୨୩ରେ ମାମଲା ରୁଜୁ କରିଛି। ପାରିବାରିକ କଳହକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁନୀଲ ଏକ ଇଟାରେ କାହ୍ନୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଜାତିଆଣ ମନ୍ତବ୍ୟ: ଯୁବକ ଗିରଫ

**ଅନୁଗୋଳ ଅଫିସ,୨।୧**

ବନ୍ତଳା ଥାନା ତଳବେରିଣୀ ଅଞ୍ଚଳର ଅଭୟ ନାଏକଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ ମାରିବା ଅଭିଯୋଗରେ ପୋଲିସ ରତ୍ନାକର ପ୍ରଧାନ (୫୮)ଙ୍କୁ ଗିରଫ କରିଛି। ଏ ନେଇ ବନ୍ତଳା ଥାନାରେ ନଂ. ୪/୨୩ରେ ମାମଲା ରୁଜୁ ହୋଇଛି। ଅଭୟ ବଡ଼କନ୍ତକୁଳ ଅଞ୍ଚଳକୁ ଯାଉଥିବାବେଳେ ରତ୍ନାକର ତାଙ୍କୁ ଜନ୍ତୁ ମାଂସ ନେବାକୁ ବାଧ କରିଥିଲେ। ବାରଣ କରିବାରୁ ରତ୍ନାକର ତାଙ୍କୁ ଆକ୍ରମଣ କରିଥିଲେ।

## ମାଡ଼ ମାରି ୨ ଗିରଫ

**ଅନୁଗୋଳ ଅଫିସ, ୨।୧**

ତାଳଚେର ଥାନା ରାଜବାଟୀ ଅଞ୍ଚଳରେ ବାପପୁଅଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଦାଶରଥିପୁର ଅଞ୍ଚଳର ବିଶ୍ୱଜିତ୍ ନାଏକ ଓ ପାଇକସାହି ଅଞ୍ଚଳର ରକି ଥମ୍ବଙ୍କୁ ଗିରଫ କରିଛି। ମହମ୍ମଦ ନଇମ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪/୨୩ରେ ମାମଲା ରୁଜୁ କରିଛି। ମହମ୍ମଦ ତାଙ୍କ ପୁଅଙ୍କ ସହ ତାଳଚେରର ବଡ଼ଦାଣ୍ଡ ଆଡ଼କୁ ବାଇକ୍‌ରେ ଆସୁଥିବାବେଳେ ବିଶ୍ୱଜିତ୍ ଏବଂ ରକି ତାଙ୍କୁ ଅଟକାଇ ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ



ଅତିଥିଙ୍କ ସହ ଶିବିରରେ ଭାଗନେଇଥିବା ଶିବିରାର୍ଥୀମାନେ।

**କଣିହାଁ, ୨।୧(ଡି.ଏନ୍.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ନିକଟବର୍ତ୍ତୀ ପବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ରେ ସପ୍ତାହବ୍ୟାପୀ ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡ଼ି ଏବଂ ପୋଗ୍ରାମ ଅଧିକାରୀ ଅଧ୍ୟାପକ ପ୍ରିୟବ୍ରତ ସାହୁଙ୍କ ମାର୍ଗଦର୍ଶନରେ ରେଙ୍ଗାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଆୟୋଜିତ ହୋଇଥିଲା।

ଶିବିରର ୫ମ ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ମୁଖ୍ୟ ଅଧିକାରୀ ପ୍ରଫେସର ଡ. ବ୍ରଜନାରାୟଣ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ସାମଲ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ସାମଲ, ନରେଶ ଚନ୍ଦ୍ର ଗଡନାୟକ, ବୀରବର ସାମଲ, ଗ୍ରାମ୍ୟ କମିଟି ସଭାପତି ଡ. ନିରଞ୍ଜନ ସାମଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ସାମଲ, ବସନ୍ତ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଶିବିରାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବଧୂ ନିର୍ଯାତନା ସମ୍ପର୍କିତ ଏକାଙ୍କିକା ପରିବେଷଣ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏଥିରେ ସହଯୋଗ କରିଥିଲେ।

# ମିଲ୍‌ରୁ ଧାନ ଚୋରି: ୨ ଗିରଫ

**ଅନୁଗୋଳ ଅଫିସ,୨।୧**

ଅନୁଗୋଳ ସଦର ଥାନା ବେନ୍ତପୁର ଅଞ୍ଚଳର ଏକ ମିଲ୍‌ରୁ ଧାନ ଚୋରି ଅଭିଯୋଗରେ ପୋଲିସ ମନୋଜ ଖିଲାର (୩୨) ଏବଂ କୁମୁରିସିଂହା ଅଞ୍ଚଳର ଶିବ ବେହେରା (୨୪)ଙ୍କୁ ଗିରଫ କରିଛି। ବେନ୍ତପୁର ଅଞ୍ଚଳର ଧାନ ବ୍ୟବସାୟୀ ପ୍ରତୀଶ କୁମାର ପଣ୍ଡାଙ୍କ ଅଭିଯୋଗକ୍ରମେ ନଂ. ୨/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ନୂଆବର୍ଷ ସନ୍ଧ୍ୟାରେ ପ୍ରତୀଶଙ୍କ ମିଲ୍‌ରୁ ଶିବ ଧାନ ଚୋରି କରି ବ୍ୟବସାୟୀ ମନୋଜଙ୍କୁ ବିକ୍ରି କରିଥିଲେ। ସୂଚନା ପାଇ ପ୍ରତୀଶ ଅଭିଯୁକ୍ତ ଶିବଙ୍କୁ କାବୁ କରି ଖୁଣ୍ଟରେ ବାନ୍ଧିବା ସହ ପୋଲିସ ଜିମା ଦେଇଥିଲେ। ପୋଲିସ ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ମିଲ୍‌ରୁ ୮ ବସ୍ତା ଧାନ ଚୋରି ହୋଇଥିବା ପ୍ରତୀଶ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ମାଛକୁଟାକୁ ହରାଇ ବଡଗୁଣ୍ଡୁରୀ ଚାମ୍ପିୟନ

**କଣିହାଁ, ୨।୧(ଡି.ଏନ୍.ଏ.)**

କଣିହାଁ ବ୍ଲକ ବଡଗୁଣ୍ଡୁରୀ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ଶ୍ରୀ ଜଗନ୍ନାଥ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଛେଣ୍ଡିପଦା ବ୍ଲକ ମାଛକୁଟାକୁ ହରାଇ ବଡଗୁଣ୍ଡୁରୀ ଚାମ୍ପିୟନ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚାମ୍ପିୟନ ଦଳର ସୁମନ୍ତ 'ମ୍ୟାନ ଅଫ୍ ଦି ମ୍ୟାଚ', ଲୁଲୁ 'ମ୍ୟାନ ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ଏନ୍‌ଟିପିସି ପ୍ରକଳ୍ପ ଏଜିଏମ୍ ସୁରେଶ ଚନ୍ଦ୍ର ବେହେରା, ସରପଞ୍ଚ ସସ୍ମିତା ଦଳେଇ, ସମିତିସଭ୍ୟା ଦୀପ୍ତିମୟୀ ସେଠୀ, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ସାମାଜିକ କର୍ମୀ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୧୦,୦୦୦ ଏବଂ ରନର୍ସଅପ୍ ଦଳକୁ ୬,୦୦୦ ଟଙ୍କା ପ୍ରଦାନ କରିଥିଲେ। ବାଦଲ ସେଠୀ, ଆଲୋକ ପ୍ରଧାନ, ମନୋଜ ସାହୁ, ଉତ୍କଳ, କାହ୍ନା, ଅର୍ଜୁନ, ନାଲୁଙ୍କ ସମେତ ସମସ୍ତ କ୍ଲବ ସଦସ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ବଡଗୁଣ୍ଡୁରୀ ଦଳ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବଳରାମପ୍ରସାଦ ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ବଣ୍ଟରପାଳ, ୨।୧(ଡି.ଏନ୍.ଏ.)**

ବଣ୍ଟରପାଳ ବ୍ଲକ ବଳରାମପ୍ରସାଦ ମା' ହିଙ୍ଗୁଳା ଫୁଟ୍‌ବଲ ୱେଲଫେୟାର ଆସୋସିଏଶନ ପକ୍ଷରୁ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଡେରାକୁ ହରାଇ ବଳରାମପ୍ରସାଦ ଦଳ ଚାମ୍ପିୟନ ହୋଇଛି।

ବଳରାମପ୍ରସାଦ ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଅନ୍ତରାଷ୍ଟ୍ରୀୟ ହ୍ୟୁମାନ ରାଇଟ୍ କାଉନ୍‌ସିଲ୍‌ର ଜିଲା ସଭାପତି ପଦ୍ମାକ୍ଷୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଜୟନ୍ତୀ ସାହୁ, ଚାପ୍‌ଲିନ ସାହୁ, ଅନୁଗୋଳ ସ୍ପୋର୍ଟସ ଆସୋସିଏଶନ ସଭାପତି ପ୍ରତାପ ପ୍ରଧାନ, ଜାତୀୟ ଚେସ୍ ଖେଳାଳି ଅନିଲ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ବଳରାମପ୍ରସାଦ ଖେଳପଡ଼ିଆକୁ ମିନି ଷ୍ଟାଡିୟମରେ ରୂପାନ୍ତରିତ କରିବା ଲାଗି ଦାବି କରିଥିଲେ। ଆୟୋଜକ ବଳରାମପ୍ରସାଦ କ୍ଲବ ସଭାପତି ବେଣୁଧର ଦାସ, ସମ୍ପାଦକ ରଞ୍ଜନ ବେହେରା, କାର୍ଯ୍ୟକର୍ତ୍ତା ଆଶୁତୋଷ ଅମାନ୍ତ, କାଳିଆ ସେଠୀ, ସିଡୁ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମନ୍ଦିର ପ୍ରତିଷ୍ଠା ପାଇଁ ଲୋଡ଼ିଲେ ସହଯୋଗ

**ବଇଣ୍ଡା, ୨।୧(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ସାପ୍ତାହିକ ହାଟପଡ଼ିଆରେ ସୋମବାର ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ସଭାପତି ଜଳଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ଅବଦାନ ବିନା ଅଞ୍ଚଳର ବିକାଶ ଅସମ୍ଭବ। ସମସ୍ତଙ୍କ ସହଯୋଗ ମିଳିଲେ ରାଧାକୃଷ୍ଣ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ନେଇପାରିବ ବୋଲି ମତପ୍ରକାଶ ପାଇଥିଲା।

ବଇଣ୍ଡାବାସୀଙ୍କ ଭାବାବେଗ ସହିତ ଜଡ଼ିତ ରାଧାକୃଷ୍ଣ ମନ୍ଦିରକୁ ରାସ୍ତା ସମ୍ପ୍ରସାରଣ ପାଇଁ ୪ବର୍ଷ ତଳେ ଭଙ୍ଗାଯାଇଥିଲା। ଏବେ ଏକ ବେସରକାରୀ ଜମିରେ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ କରାଯାଉଛି। ଅଞ୍ଚଳର ଯୁବପିଢ଼ିଙ୍କ ସକ୍ରିୟ ସହଯୋଗ ଏବଂ ବରିଷ୍ଠଙ୍କ ମାର୍ଗଦର୍ଶନରେ ଏହି କାମ ଯେପରି ଶୀଘ୍ର ଶେଷ ହେବ, ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ରାଜକୁମାର ଅଗ୍ରୱାଲ, ଭାଗୀରଥି ସାହୁ, ଘାସିନାଥ ବେହେରା, ବିଚିତ୍ରାନନ୍ଦ ସାହୁ, ଚିନ୍ତାମଣି ସାହୁ, ନରେନ୍ଦ୍ର ବେହେରା, ମହେଶ ସାହା, ଅର୍ଜୁନ ସାହୁ, ରମେଶ ଟିବ୍ରୁୱାଲା, ସନ୍ତୋଷ ଦେହୁରୀ, ଅନ୍ତର୍ଯ୍ୟାମୀ ବେହେରା, ବିଜୟ ସାହୁ, ପ୍ରକାଶ ମିଶ୍ର ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



ବୈଠକରେ ମନ୍ଦିର କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ।

